# Akashvani, Sambalpur

# SAMBALPURI NEWS BULLETIN

## 27 June 2025- 6.47- 6.52 am.

*********************************************

ଘୋଷଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଶ୍ରୀ ଜଗନ୍ନାଥ ମାହାପୁରୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ହେଉଛେ । ଇଥିର୍‌ଲାଗି ଭକ୍ତମୟ ହେଇଉଠିଛେ ପୁରୀ ବଡ଼ଦାଣ୍ଡ । ପହଣ୍ଡି ଆଘୋନୁ ସେବାୟତ୍‌ମାନେ ଇହାଦେ ମାହାପୁରୁମାନ୍‌କର୍ ନୀତିକାନ୍ତି କରୁଛନ୍ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍)

*ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ, ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ଆର୍ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥକେ ଗଲାକାଏଲ୍‌ନୁ ସିଂହଦ୍ୱାର ସାମ୍ନାକେ ଅନାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ନୀତିନିର୍ଘଂଟ ଅନ୍‌ସାରେ ଆଏଜ୍ ସଖାଲୁ ମଙ୍ଗଲ୍ ଆଲ୍‌ତୀ, ମଇଲମ, ତଡ଼ପଲାଗି, ଅବକାଶ, ସୂର୍ଯ୍ୟପୂଜା ନୀତି ଉତ୍‌ରୁ ମାହାପୁରୁମାନ୍‌କର୍ ବେଶ ଚାଲିଛେ ।  ତାର୍ ଉତ୍‌ରୁ ଗୋପାଳବଲ୍ଲଭ ଆଉ ସକାଳଧୂପଥି ଖିଚିଡ଼ି*

*ଭୋଗ ଲାଗି ହେବା । ସଖାଳର୍ ୯ ବଜେ ତିନ୍‌ହି ରଥକେ ପ୍ରତିଷ୍ଠା କରାଯିବାର୍ ଉତ୍‌ରୁ ସାଢ଼େ ୯ ବଜେନୁ ମାହାପୁରୁମାନ୍‌କର୍ ପହଣ୍ଡି ବିଜେ ମୁଲ୍ ହେବା ।  ଦଇତାପତି ଆଉ ଅଲ୍‌ଗା ସେବାୟତ୍‌ମାନେ ମାହାପୁରୁମାନ୍‌କୁ ଧାଡ଼ିପହଣ୍ଡିଥି ନେଇକରି ରଢ଼ାରୁଢ଼ କର୍‌ବେ । ମଦନ୍ ମୋହନ୍ ଆଉ ରାମକୃଷ୍ଣଙ୍କର୍ ଭିଲ୍ ପହଣ୍ଡି କରାଯିବା । ତାର୍ ଉତ୍‌ରୁ ରଥଉପ୍‌ରେ ଶ୍ରୀବିଗ୍ରହମାନ୍‌କର୍ ଚିତାଲାଗି ଆଉ ବେଶଲାଗି ନୀତି ହେବା । ଗଜପତି ମହାରାଜ୍‌ଙ୍କର୍ ଛେରାପହଁରା ନୀତି ଉତ୍‌ରୁ ଉପର୍‌ବେଲା ୪ ବଜେ ରଥ୍‌ଘିଚା ମୁଲ୍ କର୍‌ବାର୍‌କେ ନୀତିନିର୍ଘଂଟ ହେଇଛେ ।*

*ଆକାଶବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ବିସ୍ମିତା ପ୍ରଧାନ୍ ।*

ରାଜ୍ୟପାଲ୍- ପୁରୀ ସେବାଶିବିର୍ ଉଦ୍‌ଘାଟନ୍ I&PR

ରଥଯାତ୍ରା ଅବ୍‌ସରେ ସେବା କର୍‌ବାର୍‌ଟା ଗୁଟେ ଦିବ୍ୟ ସୁଯୋଗ୍ ଆଏ ବଲି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଶ୍ରୀକ୍ଷେତ୍ର ପୁରୀ ଠାନେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆଘୋନୁ ଗଲାକାଏଲ୍ ପୁରୀ ଟାଉନ୍‌ହଲ୍ ଠାନେ ଆମ୍ବୁଲାନ୍ସ, ଭାରତ୍ ସ୍କାଉଟ୍ ଏଣ୍ଡ୍ ଗାଇଡ୍ ଆଉ ଭାରତୀୟ ରେଡ଼କ୍ରସ୍ ସୋସାଇଟି ସେବା ଶିବିରକେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, ରଥଯାତ୍ରା ସମିଆଥି ସ୍ୱେଚ୍ଛାସେବୀ ସେବା ଶିବିର ମାନ୍‌କର୍

ନିସ୍ୱାର୍ଥପର ସେବା ଗର୍ବିତ ପରମ୍ପରାକେ ପ୍ରତିଫଳନ୍ କର୍‌ସି । ଇଟା ଜାତୀୟ ସଂହତି, ବିବିଧତାଥି ଏକତା ଆଉ କରୁଣାର୍ ମୂଲ୍ୟବୋଧକେ ଦର୍ଶାସି ବଲି ରାଜ୍ୟପାଲ୍ କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନର୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

## ଅକ୍ସିଓମ୍-୪ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆମେରିକାର୍ ଫ୍ଲୋରିଡ଼ାର 'ନାସା'ର କେନେଡ଼ି ମହାକାଶ କେନ୍ଦ୍ରନୁ ଅକ୍ସିଓମ୍-୪ ମିଶନ୍‌ଥି ମହାକାଶ୍‌କେ ଯାତ୍ରା କରିଥିବା ଭାରତୀୟ ମହାକାଶଚାରୀ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କର୍ ସହେତେ ୪ ଝନ୍ ୨୮ ଘଂଟା ଲମ୍ବା ଯାତ୍ରା ଉତ୍‌ରୁ ଗଲାକାଏଲ୍ ଆନ୍ତର୍ଜାତିକ ମହାକାଶ୍ କେନ୍ଦ୍ର ନ ପୁହୁଁଚିଛନ୍ । ପାଖାପାଖି ଅଢ଼େଇ ଘଂଟାର୍ ଡକିଂ ଉତ୍‌ରୁ ମହାକାଶ୍‌ଚାରୀମାନେ ମହାକାଶ କେନ୍ଦ୍ରକେ ଯାଇଥିଲେ । ୱିଙ୍ଗ୍ କମାଣ୍ଡର୍ ରାକେଶ୍ ଶର୍ମାଙ୍କର୍ ଉତ୍‌ରୁ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ୪୧ ବଛର୍ ବାଦ୍ ଫେର୍ ଝନେ ଭାରତୀୟ ଭାବେ ମହାକାଶ୍‌କେ ଯାତ୍ରା କରିଛନ୍ ।

## ସାମୟିକ କର୍ମଚାରୀ- ସାହାଜ୍ I&PR

ସାମୟିକ କର୍ମଚାରୀମାନେ କାମ୍ ଛାଡ଼୍‌ଲା ବେଲ୍‌କେ ପାଉଥିବା ଦେଢ଼୍ ଲାଖ୍ ଟଙ୍କାକେ ରାଜ୍ୟ ସର୍‌କାର୍ ଅଢ଼େଇଲାଖ୍ ତକ୍ ବଢ଼େଇଛନ୍ । ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ ଦେଇଛନ୍ । ପ୍ରସ୍ତାବ୍ ଅନ୍‌ସାରେ ଯେନ୍ ସାମୟିକ କର୍ମଚାରୀ ନିୟମିତ ପଦବୀକେ ଯାଇଥିବେ, ମାତରକ ୫ ବଛର୍ କାମ୍ ପୁରା କରି ନାଇଁଥିବେ ସେ କ୍ଷେତ୍ରଥି କାମ୍ ଛାଡ଼୍‌ଲା ବେଲ୍‌କେ ଅଢ଼େଇ ଲାଖ୍ ଟଙ୍କା

ଏକାସାଙ୍ଗେ ମିଲ୍ବା । ସେନ୍ତା ନିୟମିତ୍ ପଦ୍ବୀଥି ୫ ବଛର୍ କାମ୍ ପୁରା କରିଥିବା ସାମୟିକ କର୍ମଚାରୀମାନ୍କୁ ଅଢ଼େଇ ଲାଖ୍ ଟଙ୍କାର୍ ଗ୍ରାଚୁଇଟି ଭିଲ୍ ଦିଆଯିବା । ଇତାର୍ସହେତେ ଏକକାଳୀନ୍ ଗ୍ରାଚ୍ୟୁଇଟି ପରିମାଣ୍ ଫି' ଦୁଇ ବଛରେ ୧୦ ପ୍ରତିଶତ୍ ଲେଖା ବଢ଼ାଯିବା ବଲି ନିଷ୍ପତି ନିଆଯାଇଛେ ।

ଓଡ଼ିଶା ଉଠା ଜଲ୍ସେଚନ୍ ନିଗମ ବୈଠକ୍ I&PR

ଆଏବା ୫ ବଛର୍ ଭିତ୍ରେ ରାଜ୍ୟର୍ ୯ ଲାଖ୍ ହେକ୍ଟର୍ ଜମିକେ ଜଲ୍ସେଚନ୍ ସୁବିଧା ଯୁଗେଇ ଦେବାର୍କେ ଓଡ଼ିଶା ଉଠା ଜଲ୍ସେଚନ୍ ନିଗମ୍ ଲକ୍ଷ୍ୟ ରଖିଛେ । ଗଲାକାଏଲ୍ ଗୁଟେ ବୈଠକ୍ଥି ନିଗମ୍ର ପରିଚାଲନା ନିର୍ଦ୍ଦେଶିକା ସ୍ୱଧା ଦେବ୍ ସିଂ ଘୋଷ୍ନା କରିଛନ୍ । ସେ କହିଛନ୍, ଫି' ଜିଲ୍ଲା ନ ସବୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନ୍କର୍ ମାସିକ୍ ବୈଠକ୍ଥି ଯୋଗ୍ ଦେଇକରି ନିଗମ୍ ତର୍ଫୁ ହଉଥିବା ଭିନ୍ ଭିନ୍ ଯୋଜ୍ନା ଉପ୍ରେ ସମୀକ୍ଷା କରାଯାଇଛେ । ତାର୍ ଉତ୍ରୁ ରାଜ୍ୟ ଜଲ୍ସମ୍ପଦ୍ ବିଭାଗ୍ ତର୍ଫୁ ୯ ଲାଖ୍ ହେକ୍ଟର୍ ଜମିକେ ଜଲ୍ସେଚନ୍ ଲକ୍ଷ୍ୟ ଧାରିଜ୍ କରାଯାଇଛେ । ସେନ୍ତା ନିଗମ୍ ତର୍ଫୁ କାର୍ଯ୍ୟକାରୀ ହଉଥିବା ସବୁ ଯୋଜ୍ନାକେ ତୁର୍ତି କର୍ବାର୍ ଆଉ ଭିନ୍ ଭିନ୍ ସମସ୍ୟା ମାନ୍କର୍

ସମାଧାନ୍ କର୍‌ବାର୍ ଉପ୍‌ରେ ଧ୍ୟାନ୍ ଦିଆଯାଉଛେ ବଲି ବୈଠକ୍‌ଥି ଶ୍ରୀମତୀ ସିଂ କହିଛନ୍ ।

ରେଡ଼କ୍ରସ୍ ସମୀକ୍ଷା ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ରେଡ଼କ୍ରସ୍ ସୋସାଇଟିର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଜରୁରୀକାଳୀନ୍ ପରିସ୍ଥିତିଥି ଅସହାୟ ଆଉ ଗରିବ୍ ଲୁକ୍‌କୁ ସାହାଜ୍ ଯୁଗେଇ ଦେବାର୍ ଲାଗି ରେଡ଼କ୍ରସ୍ ପାଣ୍ଠି ବଢ଼ାବାର୍ ବାବ୍‌ଦେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍ ଆଉ ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ଅପର୍‌ବଲ୍ ବର୍ଷା ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।